# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 10 February - 2026

**********************************

## ୧୦୮ ଆମ୍ବୁଲାନ୍ସ ଲୋକାର୍ପଣ

ରାଜ୍ୟରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟରେ ୪୨୮ଟି ନୂତନ ୧୦୮ ଆମ୍ବୁଲାନ୍ସ ଚଳାଚଳର ବ୍ୟବସ୍ଥା କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଆଜି ଏହି ଅଭିଯାନ ଅଧୀନରେ ୨୫୦ଟି ଆମ୍ବୁଲାନ୍ସର ଲୋକାର୍ପଣ କରାଯିବ । କଳିଙ୍ଗ ଷ୍ଟାଡିୟମରେ ପୂର୍ବାହ୍ନରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ରାଜ୍ୟପାଳ-ଚକ୍ଷୁଦାନ

ଚକ୍ଷୁଦାନାର ମହତ୍ୱ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲାଗି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ପଟିଆଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଚକ୍ଷୁର କର୍ଣ୍ଣିଆ ଦାନକୁ ଏକ ପବିତ୍ର ସେବାର ମାଧ୍ୟମ ବୋଲି ଉଲ୍ଲେଖ କରିଛନ୍ତି ।

## ସୁଭଦ୍ରା ଶକ୍ତି ମେଳା

ସୁଭଦ୍ରା ଯୋଜନା ଅଧୀନରେ ମିଳୁଥିବା ସହାୟତା ରାଶିକୁ ବିନିଯୋଗ କରି ବ୍ୟବସାୟ ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ହିତାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । କନ୍ଧମାଳ ଜିଲ୍ଲା ବାଲିଗୁଡ଼ାଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମହିଳା ସଶକ୍ତିକରଣ ଦିଗରେ ମେଳାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛନ୍ତି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ବହୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।

## ପୂର୍ତ୍ତମନ୍ତ୍ରୀ-ବୈଠକ

ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟେକ ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଲୋକସେବା ଭବନରେ ଗତକାଲି ଅନୁଷ୍ଠିତ ଏକ ବିଭାଗୀୟ ବୈଠକରେ ଶ୍ରୀ ହରିଚନ୍ଦନ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି । କଟକସହର ବାହ୍ୟ ରିଙ୍ଗ ରୋଡ଼ ନିର୍ମାଣ ନେଇ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେବା ସହିତ କଟକ-ସମ୍ବଲପୁର ଜାତୀୟ ରାଜପଥ ୫୫କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଛି । ରାଜ୍ୟ ରାଜପଥଗୁଡ଼ିକୁ ମଧ୍ୟ ୪ ଲେନ୍ ବିଶିଷ୍ଟ କରିବା ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ମାଟ୍ରିକ ପ୍ରଶ୍ନପତ୍ର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେଉଥିବା ମାଟ୍ରିକ ପରୀକ୍ଷା ପାଇଁ ଆଜି ବିଭିନ୍ନ ନୋଡାଲ କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ । ୩୨୨ଟି ନୋଡାଲ ସେଣ୍ଟରରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯିବାର ବ୍ୟବସ୍ଥା ହୋଇଛି । ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ଦେଇଥିବା ସୂଚନା ଅନୁଯାୟୀ ନକ୍ସଲ ପ୍ରଭାବିତ କନ୍ଧମାଳ ଏବଂ ମାଲକାନଗିରି ଜିଲ୍ଲାରେ ସୁରକ୍ଷା ଦୃଷ୍ଟିରୁ ୧୭ଟି ଥାନାରେ ପ୍ରଶ୍ନପତ୍ର ରଖାଯିବା ନେଇ ବ୍ୟବସ୍ଥା ହୋଇଛି ।

## ଆର୍ଥିକ ସାକ୍ଷରତା ସପ୍ତାହ

ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୬ ଗତକାଲିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ପାଳନ କରାଯାଉଛି । ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରତିବର୍ଷ ୨୦୧୬ ମସିହାରୁ ଏହି ସପ୍ତାହ ପାଳିତ ହୋଇଆସୁଛି । ଚଳିତବର୍ଷ ଏକାଦଶ ସଂସ୍କରଣର ବିଷୟବସ୍ତୁ ରହିଛି 'କେୱାଇସି-ସୁରକ୍ଷିତ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପାଇଁ ପ୍ରଥମ ପଦକ୍ଷେପ' । ବ୍ୟାଙ୍କ ଜମାଖାତାରେ କେୱାଇସି ଅପଡେଟ୍ କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

## ଇପିଏଫ୍‌ଓ

ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ମାଧ୍ୟମରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଇପିଏଫ୍‌ଓର ସଦସ୍ୟ ଏଣିକି ସେମାନଙ୍କ ଅର୍ଥ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପଠାଇପାରିବେ । ଏଥିପାଇଁ ଏକ ନୂତନ ମୋବାଇଲ ଆପ୍‌କୁ

ବିକଶିତ କରାଯାଇଛି । ଆଗାମୀ ଏପ୍ରିଲ ମାସରେ ଏହାର ଶୁଭାରମ୍ଭ ହେବା ନେଇ ଶ୍ରମ ମନ୍ତ୍ରଣାଳୟ ସୂଚନା ଦେଇଛି ।

# ପ୍ରଶିକ୍ଷଣ ଶିବିର

ମାଲକାନଗିରି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଚତୁର୍ଥ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

# ଦିନିକିଆ କର୍ମଶାଳା

ନବରଙ୍ଗପୁର ମହାବିଦ୍ୟାଳୟଠାରେ ଗତକାଲି କନ୍ୟା ଶିଶୁ ଶିକ୍ଷା ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିଶୁକନ୍ୟାଙ୍କ ଶିକ୍ଷା, ଗୋଷ୍ଠୀଗଠନ ଏବଂ ସାମାଜିକ ପରିବର୍ତ୍ତନରେ ଏହାର ଭୂମିକା ଉପରେ କର୍ମଶାଳାରେ ସ୍ୱତନ୍ତ୍ର ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି ।

# ଗଣିତ ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ସ୍ୱୟଂଶାସିତ ମହାବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଦୁଇଦିନିଆ ଗଣିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମ୍ପ୍ରତିକ ଡିଜିଟାଲ ଯୁଗରେ ଗଣିତର ଗୁରୁତ୍ୱ ଯୁବବର୍ଗଙ୍କୁ ଏଥିପାଇଁ ସଚେତନ କରିବା ଲକ୍ଷ୍ୟନେଇ ଏହି ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ସମୀକ୍ଷା

ମାଲକାନଗିରି ବଣ୍ଡା ଘାଟିରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ନେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମୀକ୍ଷା କରିଛନ୍ତି । ବିଭିନ୍ନ ଅଞ୍ଚଳକୁ କ୍ଷେତ୍ରିୟ ପରିଦର୍ଶନରେ ଯାଇ  ଶ୍ରୀ ଉପାଧ୍ୟାୟ ସମ୍ପୃକ୍ତ ହିତାଧିକାରୀ ଏବଂ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନ କରିଛନ୍ତି । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ସେ ସମ୍ପୃକ୍ତ ଅଂଶୀଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସ୍ୱଦେଶୀ ମେଳା

ପୁରୀ ତାଳବଣିଆ କ୍ରୀଡ଼ା ପରିସର ମଧ୍ୟରେ ଆଜିଠାରୁ ଆତ୍ମନିର୍ଭାର ଭାରତ ଓ ସ୍ୱଦେଶୀ ମେଳା ଆରମ୍ଭ ହେବ । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ୧୯୪ଟି ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି । ରାଜ୍ୟର ବରପୁତ୍ରଙ୍କ ତଥ୍ୟଭିତ୍ତିକ ଫଟୋଚିତ୍ର ପ୍ରଦର୍ଶନୀ ସହ ପ୍ରତ୍ୟହ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

ରାଉରକେଲା ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମଠାରେ ଆଜିଠାରୁ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକି ପ୍ରତିଯୋଗିତା ଆରମ୍ଭ ହେଉଛି । ଭାରତ ସହିତ ବେଲ୍‌ଜିୟମ ଏବଂ ଆର୍ଜେଣ୍ଟିନା ଏଥିରେ ଅଂଶଗ୍ରହଣ

କରୁଛନ୍ତି । ଆଜିର ପ୍ରଥମ ମ୍ୟାଚ୍ ସଂଧ୍ୟା ୭ଟାରେ ଆର୍ଜେଣ୍ଟିନା ଓ ବେଲଜିୟମ ମଧ୍ୟରେ ଅନୁଷ୍ଠିତ ହେବ ।